# ଅଧ୍ୟାୟ - VI


# ଖଣିଜ ପ୍ରାପ୍ତି

# ଅଧ୍ୟାୟ VI

# ଖଣିଜ ପ୍ରାପ୍ତି

## 6.1 ଅଣକର ରାଜସ୍ୱ ପରିଚାଳନା

ଖଣିଜ ପ୍ରାପ୍ତିର ନିର୍ଦ୍ଧାରଣ ଓ ସଂଗ୍ରହ, ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) (ଏମ୍ଏମ୍ଡିଆର୍) ଅଧିନିୟମ, 1957, ଖଣିଜ ଦ୍ରବ୍ୟ ରିଆତି (ଏମ୍ସି) ନିୟମାବଳୀ, 1960, ଖଣିଜ ଦ୍ରବ୍ୟ ସଂରକ୍ଷଣ ଓ ବିକାଶ (ଏମ୍ସିଡି) ନିୟମାବଳୀ, 1988 ଓ ତଦଧିନ ପ୍ରଣୀତ ଓଡ଼ିଶା ଖଣିଜ ଦ୍ରବ୍ୟ (ଚୋରି ପ୍ରତିରୋଧ, ଚୋରା ଚାଲାଣ ଓ ବେଆଇନ ଖଣି କାରବାର ନିବାରଣ ଓ ଦଖଲ ନିୟନ୍ତ୍ରଣ, ଗଚ୍ଛିତ, ବ୍ୟବସାୟ ଓ ପରିବହନ) ନିୟମାବଳୀ, 2007 ଅଧିନରେ ପରିଚାଳିତ ହୁଏ । ଖଣିଜ ପ୍ରାପ୍ତି ପ୍ରଶାସନର ସାଙ୍ଗଠନିକ ବ୍ୟବସ୍ଥା ନିମ୍ନରେ ଦିଆଗଲା:




## 6.2 ଆଭ୍ୟନ୍ତରୀଣ ସମୀକ୍ଷା

2018-19 ବର୍ଷ ମଧ୍ୟରେ ବିଭାଗର ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ, ସମୀକ୍ଷା ପାଇଁ ଯୋଜନା କରାଯାଇଥିବା 16 ଟି ୟୁନିଟ ମଧ୍ୟରୁ 13 ଟି ୟୁନିଟରେ ସମୀକ୍ଷା କରିଥିଲେ । ପୁନଶ୍ଚ, 31 ମାର୍ଚ୍ଚ 2019 ସୁଦ୍ଧା ଆଭ୍ୟନ୍ତରୀଣ ସମୀକ୍ଷା ରିପୋର୍ଟ ଅନ୍ତର୍ଗତ 729.18 କୋଟି ଟଙ୍କାର ଆର୍ଥିକ ମୂଲ୍ୟ ଥିବା 287 ଟି ଅନୁଚ୍ଛେଦର ନିକାଶ ବାକିଥିଲା ।

## 6.3 ସମୀକ୍ଷାର ଫଳାଫଳ

2018-19 ବର୍ଷରେ ଇସ୍ପାତ ଓ ଖଣି ବିଭାଗର 31ଟି ୟୁନିଟ ମଧ୍ୟରୁ 12 ଟି ୟୁନିଟର (38.71 ପ୍ରତିଶତ) ନଥିପତ୍ର ଯାଞ୍ଚ କରାଯାଇଥିଲା । ନମୁନା ଯାଞ୍ଚ ହୋଇଥିବା 12 ଟି ୟୁନିଟରେ 9,748.34 କୋଟି ଟଙ୍କାର ରାଜସ୍ୱ ସଂଗୃହୀତ ହୋଇଥିଲା ଯାହାକି 31 ଟି ୟୁନିଟରୁ ସଂଗୃହୀତ 10,479.18 କୋଟି ଟଙ୍କାର 93.03 ପ୍ରତିଶତ ଥିଲା । କର ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ନଥିପତ୍ରର ନମୁନା ଯାଞ୍ଚରୁ 371.59 କୋଟି ଟଙ୍କା ସଂପୃକ୍ତ ଥିବା 618 ଗୋଟି ମାମଲାରେ ସରକାରୀ ହିସାବରେ ରାଜସ୍ୱ ଅଣପ୍ରାପ୍ତି/ ସ୍ୱଳ୍ପପ୍ରାପ୍ତି ଓ ଅନ୍ୟାନ୍ୟ ଅନିୟମିତତା ହୋଇଥିବା ପରିଲକ୍ଷିତ ହେଲା ଯାହାକି ନିମ୍ନଲିଖିତ ସାରଣୀ 6.1 ରେ ଉଲ୍ଲେଖ କରାଗଲା ।

**ସାରଣୀ 6.1 ରାଜସ୍ୱ ପ୍ରାପ୍ତି ସମୀକ୍ଷା ମନ୍ତବ୍ୟର ବର୍ଗୀକରଣ**

**(ଟଙ୍କା କୋଟି ଆକାରରେ)**

| କ୍ର.ସଂ. | ବର୍ଗ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1 | ସରକାରୀ ରାଜସ୍ୱର ଅଣପ୍ରାପ୍ତି/ ସ୍ୱଳ୍ପପ୍ରାପ୍ତି | 207 | 370.58 |
| 2 | ଅନ୍ୟାନ୍ୟ ଅନିୟମିତତା | 411 | 1.01 |
| ମୋଟ | | **618** | **371.59** |

2018-19 ବର୍ଷରେ ସମୀକ୍ଷା ଦ୍ୱାରା ଦର୍ଶାଯାଇଥିବା 210 ଟି ମାମଲାରେ ଜଡ଼ିତ 355.99 କୋଟି ଟଙ୍କାର ରାଜସ୍ୱ ସ୍ୱଳ୍ପ ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ଅନିୟମିତତା ବିଭାଗ ସ୍ୱୀକାର କରିଥିଲା । ବିଗତ ବର୍ଷମାନଙ୍କରେ ଦର୍ଶାଯାଇଥିବା 36 ଗୋଟି ମାମଲାରେ 1.39 କୋଟି ଟଙ୍କା ଏହି ବର୍ଷ ମଧ୍ୟରେ ଆଦାୟ କରାଯାଇଥିଲା ।

ସମୀକ୍ଷା ମନ୍ତବ୍ୟର ଗୋଟିଏ ପ୍ରଶସ୍ତ ବର୍ଗ ଯାହାକି ସରକାରୀ ରାଜସ୍ୱର ଅଣପ୍ରାପ୍ତି/ ସ୍ୱଳ୍ପପ୍ରାପ୍ତି, ଏହି ଯାଞ୍ଚରେ ସଂପୃକ୍ତ ନଥିବା ବିଭାଗର ଅନ୍ୟାନ୍ୟ ୟୁନିଟ୍ ଗୁଡ଼ିକରେ ମଧ ଅନୁରୂପ ତ୍ରୁଟିବିଚ୍ୟୁତି ଓ ଅନିୟମିତତା ପ୍ରତିଫଳିତ ହୋଇଥାଇପାରେ । ସୁତରାଂ, ଅଧିନିୟମ ଓ ନିୟମାବଳୀର ବ୍ୟବସ୍ଥା ଅନୁସାରେ ଖଣିଜ ପ୍ରାପ୍ତିର ଆଦାୟକୁ ସୁନିଶ୍ଚିତ କରିବା ପାଇଁ ବିଭାଗ ଅନ୍ୟ ସମସ୍ତ ୟୁନିଟ ଗୁଡ଼ିକର ଆଭ୍ୟନ୍ତରୀଣ ପରୀକ୍ଷା କରିବା ଆବଶ୍ୟକ ।

## 6.4 ସମୀକ୍ଷା ମନ୍ତବ୍ୟ

ଖଣି ନିର୍ଦ୍ଦେଶକ, ଓଡ଼ିଶା, ଉପଖଣି ନିର୍ଦ୍ଦେଶକ (ଡିଡିଏମ୍) ଏବଂ ଖଣି ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ଅନୁରକ୍ଷଣ ନଥିପତ୍ରର ସମୀକ୍ଷା ଯାଞ୍ଚ କରିଥିଲା । ସମୀକ୍ଷାରେ ଦେଖାଯାଇଥିବା ରାଜଭାଗ ସ୍ୱଳ୍ପାରୋପଣ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଗଲା । ଏହି ମାମାଲା ଦୃଷ୍ଟାନ୍ତମୂଳକ ଏବଂ ସମୀକ୍ଷା ଦ୍ୱାରା କରାଯାଇଥିବା ଯାଞ୍ଚ ଉପରେ ଆଧାରିତ ।

## 6.5 ଅଧିନିୟମ/ ନିୟମାବଳୀ ବ୍ୟବସ୍ଥାଗୁଡ଼ିକର ଅନନୁପାଳନ

*ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ 1957, ଖଣିଜ ଦ୍ରବ୍ୟ ରିଆତି ନିୟମାବଳୀ, 1960, ଖଣିଜ ଦ୍ରବ୍ୟ ସଂରକ୍ଷଣ ଓ ବିକାଶ ନିୟମାବଳୀ, 1988, ଓଡ଼ିଶା ଖଣିଜ ଦ୍ରବ୍ୟ (ଚୋରି ପ୍ରତିରୋଧ, ଚୋରା ଚାଲାଣ ଓ ବେଆଇନ ଖଣି କାରବାର ନିବାରଣ ଓ ଦଖଲ ନିୟନ୍ତ୍ରଣ, ଗଚ୍ଛିତ, ବ୍ୟବସାୟ ଓ ପରିବହନ) ନିୟମାବଳୀ, 2007 କେନ୍ଦ୍ର/ ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ଜାରି ଅଧିସୂଚନା ଓ ଅନୁଦେଶ ଅନୁସାରେ ନିର୍ଦ୍ଧାରିତ ହାରରେ ରାଜଭାଗ ନିର୍ଦ୍ଧାରଣ, ଧାର୍ଯ୍ୟ ଓ ଆଦାୟ ହୋଇଥାଏ ।*

*ନିମ୍ନଲିଖିତ ଅନୁଚ୍ଛେଦରେ ରାଜଭାଗର ସ୍ୱଳ୍ପାରୋପଣ ଓ ଅନ୍ୟାନ୍ୟ ଦେୟର ଅନାରୋପଣ ହୋଇଥିବା ମାମଲାର ଆଲୋଚନା କରାଗଲା ।*

### 6.5.1 ରାଜଭାଗ ଏବଂ ସାଇଜ୍ କୋଇଲା ଉପରେ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ, ଜିଲ୍ଲା ଖଣିଜ ପ୍ରତିଷ୍ଠା ପାଣ୍ଠି ପ୍ରତି ଅବଦାନର ସ୍ୱଳ୍ପାଦାୟ

**ରାଜଭାଗର ମୂଲ୍ୟାଙ୍କନ ସମୟରେ କୋଇଲାର ରନ-ଅଫ-ମାଇନ[76] (ଆରଏମଏସ) ମୂଲ୍ୟରେ ସାଇଜିଙ୍ଗ ଦେୟକୁ ଅନ୍ତର୍ଭୁକ୍ତ ନ କରିବା ଯୋଗୁଁ 124.26 କୋଟି ଟଙ୍କାର ସ୍ୱଳ୍ପାରୋପଣ ହୋଇଥିଲା । ଅଧିକନ୍ତୁ, ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ (ଏନଏମଇଟି) ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠା ପାଣ୍ଠି (ଡିଏମଏଫ) ପ୍ରତି ଅବଦାନର ଯଥାକ୍ରମେ 37.28 କୋଟି ଏବଂ 2.49 କୋଟି ଟଙ୍କାର ସ୍ୱଳ୍ପାଦାୟ ହୋଇଥିଲା ।**

ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) (ଏମ୍ଏମ୍ଡିଆର୍) ଅଧିନିୟମ, 1957 ର ଧାରା 9 ଅନୁସାରେ ଜଣେ ଲିଜ୍‌ଧାରୀ ନିଜ ଅଞ୍ଚଳରୁ କୌଣସି ଖଣିଜ ଦ୍ରବ୍ୟ ଅପସାରଣ କିମ୍ବା ଉପଯୋଗ କରୁଥିଲେ, ଅଧିନିୟମର ଦ୍ୱିତୀୟ ଅନୁସୂଚୀରେ ସୂଚିତ ହାରରେ ଉକ୍ତ ଖଣିଜ ଦ୍ରବ୍ୟ ବାବଦକୁ ରାଜଭାଗ ପ୍ରଦାନ କରିବେ । ଖଣିଜ ଦ୍ରବ୍ୟ

---

[76] ରନ୍ ଅଫ୍ ମାଇନ କୋଇଲା ଯାହା ଖଣିରୁ ସିଧା ପ୍ରାକୃତିକ ଓ ଅଣ ପ୍ରକ୍ରିୟାକୃତ ଅବସ୍ଥାରେ ସଂଗୃହୀତ ହୋଇଥାଏ

ରିଆତି ନିୟମାବଳୀ, 1960 ର ନିୟମ 64(ବି)(1) ଅନୁସାରେ ଯଦି ଲିଜ ଅଞ୍ଚଳ ମଧରେ ଆରଓଏମ୍ ଖଣିଜର ପ୍ରକ୍ରିୟାକରଣ ହୋଇଥାଏ ତେବେ ଲିଜ ଅଞ୍ଚଳରୁ ଅପସାରିତ ପ୍ରକ୍ରିୟାକୃତ ଖଣିଜ ଦ୍ରବ୍ୟ ଉପରେ ରାଜଭାଗ ଧାର୍ଯ୍ୟ ହେବ । କୋଇଲା ମନ୍ତ୍ରାଳୟର ଅଧିସୂଚନା[77] (ମଇ 2012) ଅନୁସାରେ କୋଇଲାର ବହନ ପତ୍ରରେ ଉଲ୍ଲିଖିତ ମୂଲ୍ୟ ଉପରେ କର, କରବସାଣ ଏବଂ ଅନ୍ୟାନ୍ୟ ଦେୟକୁ ଛାଡ଼ି 14 ପ୍ରତିଶତ ମୂଲ୍ୟଭିତ୍ତିକ ରାଜଭାଗ କୋଇଲା ଉପରେ ବସାଣ ଯୋଗ୍ୟ ଅଟେ । ପୁନଶ୍ଚ, କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧିସୂଚନା ଅନୁସାରେ ଯଦି କୋଇଲାର ସର୍ବୋଚ୍ଚ ମାପ 100 ମିମି ପର୍ଯ୍ୟନ୍ତ ସୀମିତ କରାଯାଇଥାଏ, ତେବେ ସାଇଜିଙ୍ଗ୍ ଦେୟ[78] ଟନ୍ ପିଛା 79 ଟଙ୍କା (31 ଅଗଷ୍ଟ 2017 ପର୍ଯ୍ୟନ୍ତ) ଏବଂ ତତ୍‌ପରେ ଟନ୍ ପିଛା 87 ଟଙ୍କା ।

ଅଧିକନ୍ତୁ, ଏମ୍ଏମ୍‌ଡିଆର ଅଧିନିୟମର ସଂଶୋଧିତ (2015) ନିୟମ ଅନୁଯାୟୀ, ଖଣିଲିଜ ଧାରୀ ସଂପୃକ୍ତ ମଣ୍ଡଳ ଖଣି କାର୍ଯ୍ୟାଳୟକୁ ଜ୍ଞାପିତ କରି ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟକୁ (ଏନଏମଇଟି) ଯାହା ଦେବେ, ତାହା ଦିଆଯାଇଥିବା ରାଜଭାଗର ଦୁଇ ପ୍ରତିଶତ ସହ ସମାନ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠା ପାଣ୍ଠିକୁ (ଡିଏମଏଫ) ଯାହା ଦେବେ, ତାହା ଦିଆଯାଇଥିବା ରାଜଭାଗର 30 ପ୍ରତିଶତ ସହ ସମାନ ହୋଇଥିବ । ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ଜିଲ୍ଲା ଖଣିଜ ପ୍ରତିଷ୍ଠା ନିୟମ, 2015 ଅଧିନରେ 2015 ମସିହାରେ ଡିଏମଏଫ ଗଠନ କରାଯାଇଥିଲା ।

ଡିଡିଏମ୍, ରାଉରକେଲା, ଡିଡିଏମ୍, ସମ୍ବଲପୁର, ଡିଡିଏମ୍, ତାଳଚେରଙ୍କ କାର୍ଯ୍ୟାଳୟର ନଥିପତ୍ର ଯଥା ନିର୍ଦ୍ଧାରଣ ଏବଂ ଉତ୍ପାଦନ ଓ ପ୍ରେରଣର ମାସିକ ବିବରଣୀର ସମୀକ୍ଷା ଯାଞ୍ଚ (ଅପ୍ରେଲ 2018 ଏବଂ ମାର୍ଚ୍ଚ 2019) ସମୟରେ ଲକ୍ଷ୍ୟ କରାଯାଇଥିଲା ଯେ ଡିଡିଏମମାନେ ଆରଓଏମ୍ କୋଇଲାର ମୂଲ୍ୟ ଉପରେ ନିର୍ଦ୍ଧାରିତ ମୂଲ୍ୟର 14 ପ୍ରତିଶତ ହାରରେ ପ୍ରେରିତ କୋଇଲା ଉପରେ ରାଜଭାଗର ନିର୍ଦ୍ଧାରଣ କରିଥିଲେ । ସାଇଜିଂ ଦେୟକୁ, କୋଇଲା ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା ଯଦିଓ ତାହା ଲିଜଧାରୀଙ୍କଦ୍ୱାରା ଗ୍ରାହକମାନଙ୍କଠାରୁ ସଂଗ୍ରହ କରାଯାଇଥିଲା ଏବଂ ବିକ୍ରୟ ବହନପତ୍ରରେ ପ୍ରତିଫଳିତ ହୋଇଥିଲା । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଲିଜଧାରୀ, ମହାନଦୀ କୋଲ୍ ଫିଲଡ ଲିମିଟେଡ, 2017-18 ବର୍ଷ ମଧ୍ୟରେ 15ଟି କୋଇଲା ଖଣିରୁ 100 ମିମି ମାପଠାରୁ କମ ଆକାରର 1059.59 ଲକ୍ଷ ମେଟ୍ରିକ ଟନ କୋଇଲା ପ୍ରକ୍ରୀୟାକରଣ ଏବଂ ପ୍ରେରଣ କରିଥିଲେ ଏବଂ ଆରଓଏମ୍ କୋଇଲାପାଇଁ ପ୍ରଯୁଜ୍ୟ ହାରରେ ରାଜଭାଗ ପ୍ରଦାନ କରିଥିଲେ । ଏଣୁ, ନିର୍ଦ୍ଧାରଣ ସମୟରେ କୋଇଲା ମୂଲ୍ୟରେ ସାଇଜ ଦେୟ ଅନ୍ତର୍ଭୁକ୍ତ ନ ହେବାଦ୍ୱାରା 124.26 କୋଟି[79] ଟଙ୍କା ମୂଲ୍ୟର ରାଜଭାଗ ସ୍ୱଳ୍ପାଦାୟ ହୋଇଥିଲା । ଫଳସ୍ୱରୂପ, ଡିଏମଏଫ ପାଣ୍ଠିକୁ 37.28 କୋଟି ଟଙ୍କା (124.26 କୋଟିର 30 ପ୍ରତିଶତ) ଅବଦାନ ଏବଂ ଏନଏମଇଟିକୁ 2.49 କୋଟି ଟଙ୍କାର (124.26 କୋଟିର ଦୁଇ ପ୍ରତିଶତ) ଅବଦାନ ସ୍ୱଳ୍ପାଦାୟ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଫେବୃଆରୀ 2020) ଯେ ସମସ୍ତ ଡିଡିଏମ୍‌ଙ୍କ ଦ୍ୱାରା ଦାବି ଉପସ୍ଥାପନ କରାଯାଇଛି । ମାତ୍ର, ଡିଡିଏମ ତାଳଚେର ଏବଂ ରାଉରକେଲାଙ୍କ ସମ୍ପର୍କିତ ଛଅଟି ମାମଲାରେ ଲିଜଧାରୀମାନେ ପୁନଃ ନିରୀକ୍ଷଣ କର୍ତ୍ତୃପକ୍ଷଙ୍କ ନିକଟରେ ଦାବିପତ୍ର ଗୁଡ଼ିକର ପ୍ରତିବାଦରେ ଆବେଦନ କରିଛନ୍ତି ।

---

77 କୋଇଲା ମନ୍ତ୍ରାଳୟର 10 ମଇ 2012 ର ଅଧିସୂଚନା 349(ଇ)

78 ପ୍ରକ୍ରୀୟାକୃତ କୋଇଲା ଉପରେ ଦେୟ ଯେଉଁଠାରେ କୋଇଲାର ଉପର ଆକାର ହସ୍ତଚାଳିତ କିମ୍ବା ଯାନ୍ତ୍ରିକ ଉପାୟରେ ସୀମିତ

79 428.52 ଲକ୍ଷ ମେଟ୍ରିକ ଟନ x 11.06 = 47.40 ଲକ୍ଷ ଟଙ୍କା ସହ 631.07 ଲକ୍ଷ ମେଟ୍ରିକ ଟନ x 12.18 = 76.86 ଲକ୍ଷ ଟଙ୍କା ସମୁଦାୟ 124.26 କୋଟି ଟଙ୍କା